ଦିଗ୍‌ଦର୍ଶନ

# ଜୀବେ-ଦୟା

■ ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ
କଟକ

ଏ ସୃଷ୍ଟି ବଡ଼ ବିଚିତ୍ର । କୋଟି କୋଟି ବର୍ଷ ହେଲା ଏହି ପୃଥିବୀରେ ଉଭୟ ଜଳ ଓ ସ୍ଥଳ ଭାଗରେ ଅସୁମାରୀ ପ୍ରାଣୀ ସଂସାରର ଆବିର୍ଭାବ ହୋଇଥିଲେ ହେଁ ମାନବଜାତିର ଆଗମନ ହୋଇଛି ବହୁତ ଯୁଗ ପରେ । ଏହି ଜୀବ ସଂସାରରେ ମନୁଷ୍ୟ ହୋଇଛି ଅସୁମାରୀ ବୁଦ୍ଧି ଓ ବିବେକ ଜ୍ଞାନର ଅଧିକାରୀ । ବହୁଯୁଗ ପର୍ଯ୍ୟନ୍ତ ମନୁଷ୍ୟ ଇତର ପ୍ରାଣୀମାନଙ୍କ ସହିତ ଜଙ୍ଗଲ ଓ ପାର୍ବତ୍ୟ ପ୍ରଦେଶରେ ବାସ କରୁଥିଲା । କାଳକ୍ରମେ ସେମାନଙ୍କ ସହିତ ଅନ୍ତରଙ୍ଗ ସଖ୍ୟ ସ୍ଥାପନ କରି ସେମାନଙ୍କର ସେବା ଓ ସହଯୋଗ ଗ୍ରହଣ କରିବାକୁ କୁଣ୍ଠିତ ହେଲାନାହିଁ । ସଭ୍ୟତାର କ୍ରମବିକାଶ ପଥରେ ଏହି ପଶୁପକ୍ଷୀ ମାନଙ୍କ ଉପରେ ସେ ହେଲା ନିର୍ଭରଶୀଳ । ସଭ୍ୟ ମଣିଷ ଯେତେବେଳେ ସାହିତ୍ୟ ସୃଷ୍ଟି କଲା, ଧର୍ମ ଓ ଦର୍ଶନର ପ୍ରଚାର ହେଲା, ମାନବ ସଂସାର ବାହାରେ ଆଉ ଏକ ଆଧାତ୍ମିକ ଦେବଲୋକର ରୂପାୟନ ସମ୍ଭବ ହେଲା ପୁରାଣମାନଙ୍କରେ । ସେତେବେଳେ ଏହି ଦେବତା ଓ ଦେବୀମାନଙ୍କର ଅନ୍ତରଙ୍ଗ ସେବକ ଭାବରେ ପଶୁପକ୍ଷୀମାନେ ମଧ୍ୟ ପୂଜିତ ହେବାକୁ ଲାଗିଲେ ।

ପ୍ରଥମେ ଆମର ଦଶ ଅବତାରର ଉଦାହରଣ ନିଆଯାଉ । ପ୍ରଥମ ତିନୋଟି ଅବତାର ମୀନ, କଚ୍ଛପ, ବରାହ ମନୁଷ୍ୟେତର ପ୍ରାଣୀ ହୋଇ ମଧ୍ୟ ଆମର ଆରାଧ୍ୟ । କଳ୍କି ଅବତାରଙ୍କର ବାହନ ଘୋଡ଼ା ବୋଲି ପରିକଳ୍ପିତ । ବର୍ତ୍ତମାନ ଦେଖିବା ଦେବ ଦେବୀଙ୍କର ବାହନ ମାନଙ୍କର ପରିଚୟ । ଭଗବାନ ବିଷ୍ଣୁଙ୍କର ବାହନ ଗରୁଡ଼ ପକ୍ଷୀ, ପରମେଶ୍ୱର ଶିବଙ୍କର ବାହନ ବୃଷଭ, ଦେବୀ ଦୁର୍ଗାଙ୍କର ବାହନ ସିଂହ, ଦେବୀ ସରସ୍ୱତୀ ଓ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ବାହନ ହଂସପକ୍ଷୀ, ଦେବ ସେନାପତି କାର୍ତ୍ତିକେୟଙ୍କର ବାହନ ମୟୂର, ବାଣିଜ୍ୟ ଓ ସୌଭାଗ୍ୟର ଅଧିପତି ଗଣନାଥଙ୍କର ବାହନ ମୂଷା, ଦେବରାଜ ଇନ୍ଦ୍ରଙ୍କର ବାହନ ହାତୀ, ମୃତ୍ୟୁ ଲୋକର ଦେବତା ଯମଙ୍କର ବାହନ ମହିଷ, ବିଷ୍ଣୁଘରଣୀ ଐଶ୍ୱର୍ଯ୍ୟର ଦେବୀ ଲକ୍ଷ୍ମୀଙ୍କର ବାହନ ପେଚା ଇତ୍ୟାଦି । ଏଥିରୁ ଅନୁମେୟ ହେଉଛି ଯେ ମନୁଷ୍ୟ ଯୁଗ ଯୁଗ ଧରି ଏହି ଦେବଦେବୀଙ୍କ ସହିତ ସେମାନଙ୍କର ବାହନ ପଶୁପକ୍ଷୀମାନଙ୍କୁ ମଧ୍ୟ ସମ୍ମାନ ଜଣାଇ ଆସିଛି ।

ଏହି ଜୀବ ସଂସାର ଅହୋରାତ୍ର ଏବଂ ଆଜୀବନ ମାନବ ସଂସାରର ମହୋପକାର ସାଧନ କରିବାରେ କେବେହେଲେ କାର୍ପଣ୍ୟତା ପ୍ରକାଶ କରନ୍ତି ନାହିଁ । ଏମାନଙ୍କର ସୁରକ୍ଷା ମଧ୍ୟ ସଭ୍ୟ ମାନବ ସମାଜର ଐକାନ୍ତିକ ଧର୍ମ ଭାବରେ ଗୃହୀତ ହୋଇ ଆସିଥିଲା ନାନା ଶାସ୍ତ୍ର ପୁରାଣ ଓ ନୀତିଧର୍ମୀ ବଚନିକାରେ ।

କେତୋଟି ପଶୁ ପକ୍ଷୀଙ୍କର ମାନବ ସେବା ଏଠାରେ ସ୍ମରଣ କରାଯାଇପାରେ । ପାହାନ୍ତା ପ୍ରହରରେ କାଉ ରାବ ଦେଇ ନିଦ୍ରିତ ଧରଣୀକୁ ଜାଗ୍ରତ କରିଦିଏ । ଗୃହ ବାହାରେ ଯାବତୀୟ ଅଳିଆ ଆବର୍ଜନା ଖାଦ୍ୟ ରୂପେ ଗ୍ରହଣ କରି ପରିବେଶର ସୁରକ୍ଷା ପ୍ରଦାନ କରିଥାଏ । ଗ୍ରାମ ଉପକଣ୍ଠରେ ବିଲୁଆ ପ୍ରତି ପ୍ରହରରେ ହୁକେ ହୋ ରାବ କରି ରାତ୍ରିର ସମୟ ଜଣାଇଥାଏ । ସେ ମଧ୍ୟ ଶ୍ମଶାନରେ ନାନା ଆବର୍ଜନା ଖାଦ୍ୟ ରୂପେ ଗ୍ରହଣ କରି ବାୟୁମଣ୍ଡଳକୁ ଦୂଷିତ ହେବାକୁ ଦିଏ ନାହିଁ । ବସନ୍ତକାଳରେ ଆମ୍ବ ଗଛରେ ବଉଳ ଆସିଲେ କୋକିଳର ମଧୁର ରବରେ ଧରଣୀ ଆତ୍ମହରା ହୋଇପଡ଼େ । ଶାଗୁଣା ହେଲା ମଡ଼ା ଖାଦକ । ମୃତ ଶବକୁ ଖାଦ୍ୟରୂପେ ଗ୍ରହଣ କରି ପରିବେଶକୁ ସର୍ବଦା ନିର୍ମଳ ରଖିଥାଏ । ସର୍ପମାନେ ହେଲେ ମଣିଷର ଶସ୍ୟ କ୍ଷେତ୍ରର ପ୍ରଧାନ ରକ୍ଷକ । ଏମାନଙ୍କର ପ୍ରିୟ ଖାଦ୍ୟ ହେଲା ମୂଷା, ଯେଉଁମାନେ ଅଜାତରେ ଶସ୍ୟକ୍ଷେତ୍ରର ଧ୍ୱଂସ ଆନୟନ କରନ୍ତି । ଅନେକ ପ୍ରକାର ପକ୍ଷୀ ମଧ୍ୟ ମଣିଷର ଶସ୍ୟକ୍ଷେତ୍ରର ରକ୍ଷକ । ଏମାନେ ନାନାପ୍ରକାର କୀଟକୁ ଖାଦ୍ୟରୂପେ ଗ୍ରହଣ କରୁଥିବାରୁ ଶସ୍ୟକ୍ଷେତ୍ର ସେମାନଙ୍କ ଅତ୍ୟାଚାରରୁ ରକ୍ଷାପାଇଥାଏ । ଗାଈ, ମହିଷ, ଛେଳିଙ୍କର ଦୁଗ୍ଧ ପାନ କରି ମଣିଷ ଜୀବନ ଧାରଣ କରେ । ଓଟ ହେଲା ମରୁଭୂମିର ଜାହାଜ । ଓଟ ବିନା ମରୁଯାତ୍ରୀ କ୍ଷଣେ ହେଲେ ବଞ୍ଚି ପାରିବ ନାହିଁ । ସେ କେବଳ ଓଟର କ୍ଷୀର ପାନ କରେ ନାହିଁ, ଓଟ ବାହନରେ ମରୁସାଗର ପାରି ହେଉଥାଏ । କୁକୁର ପରି ବିଶ୍ୱସ୍ତ ପ୍ରାଣୀ ଆଉ କିଏ ଅଛି ? ମଣିଷ ଅପେକ୍ଷା କୁକୁର ଅଧିକ ବିଶ୍ୱସ୍ତ ଓ ଅନୁଗତ ପ୍ରାଣୀ । ସେ ହେଲା ମଣିଷ ପରିବାରର ପ୍ରଧାନ ପ୍ରହରୀ । କ୍ଷୁଦ୍ର କୀଟ ମହୁମାଛି କେତେ ପରିଶ୍ରମ କରି ମଧୁ ସଂଚୟ କରେ ମଣିଷର ଉପଭୋଗ ପାଇଁ । ପ୍ରଜାପତି ପରି ଉଡ଼ନ୍ତା କୀଟ ପୁଷ୍ପମାନଙ୍କରୁ ମଧୁ ଆହରଣ କାଳରେ ପରାଗ ସଂଗମରେ ସାହାଯ୍ୟ କରିଥାଆନ୍ତି । ନଚେତ୍ ଉଦ୍ଭିଦ ସଂସାରର ବିକାଶ ସମ୍ଭବ ହୁଅନ୍ତା ନାହିଁ । ଏହିପରି ଉଦାହରଣ ହେବ ଅସରନ୍ତି ।

ପଶୁପକ୍ଷୀ କୀଟ ସଂସାର ନିକଟରେ ମଣିଷ ଆଜୀବନ କୃତଜ୍ଞ ରହିବା ବିଧେୟ ।

## ଦୟା ଓ କରୁଣା ପାଇଁ ଶାସ୍ତ୍ର ଉପଦେଶ

ଏ ସଂସାରରେ ଦୟାଶୀଳ ଲୋକେ ସର୍ବଦା ପୂଜିତ ହୁଅନ୍ତି । ସେମାନେ ହୁଅନ୍ତି ଅଜାତଶତ୍ରୁ ଏବଂ ସମସ୍ତଙ୍କର ଆପଣାର । ଜୀବମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ ହେଲା ଶ୍ରେଷ୍ଠ ଧର୍ମ ପାଳନ । "କୋ ଧର୍ମୋ ଭୂତ ଦୟା", "ନ ଧର୍ମାତ୍ ପରମେ ମିତ୍ର" । ଦୟାଭାବଠାରୁ ଅଧିକ

ଧର୍ମପାଳନ ଆଉ କ'ଣ ଅଛି ? ନ ଚ ଧର୍ମୋ ଦୟା ପରଃ ।

ଅନ୍ୟତ୍ର କୁହାଯାଇଛି -

"ବନ୍ଦ୍ୟଃ ସଃ ପୁଂସାଂ ତ୍ରିଦଶାଭିନନ୍ଦ୍ୟଃ
କାରୁଣ୍ୟପୁଣ୍ୟୋପଚୟ କ୍ରିୟାଭିଃ
ସଂସାର ସାରତ୍ ମୁପେତି ଯସ୍ୟ
ପରୋପକାରା ଭରଣଂ ଶରୀରମ୍ ।"

ଜଗତରେ ଅନ୍ୟକୁ ବଶ କରିବାର ପ୍ରଧାନ ଗୁଣ ହେଲା ଦୟାଭାବ ପ୍ରଦର୍ଶନ । ଦୟା, ମୈତ୍ରୀଭାବ, ଦାନ, ମଧୁର ବଚନ ଦ୍ୱାରା ମନୁଷ୍ୟ ସର୍ବତ୍ର ବନ୍ଦିତ ହୁଏ, ଆଦରଣୀୟ ହୁଏ । ସମସ୍ତେ ତାକୁ ଧନ୍ୟଧନ୍ୟ କରନ୍ତି ।

ସାଧୁ ସନ୍ଥ ଓ ଶାସ୍ତ୍ରପୁରାଣ ସର୍ବତ୍ର ଘୋଷଣା କରିଛନ୍ତି- "ସକଳ ଘଟେ ନାରାୟଣ ।" କ୍ଷୁଦ୍ର କୀଟ ପିମ୍ପୁଡ଼ି ଦେହରେ ମଧ୍ୟ ପରମବ୍ରହ୍ମ ବିଦ୍ୟମାନ । ତେଣୁ କୌଣସି ପ୍ରାଣୀର ଅହିତ ଚିନ୍ତା ମାରାତ୍ମକ ପାପ ।

ଏହି ପ୍ରସଙ୍ଗରେ ଭର୍ତ୍ତୃହରିଙ୍କର ଗୋଟିଏ ନୀତିବଚନ ଉଦ୍ଧାର କରିବା ସମୀଚିତ ହେବ । ସେ କହିଛନ୍ତି -

"ପ୍ରାଣଘାତାନ୍ନିବୃତ୍ତିଃ ପରଧନ ହରଣେ ସଂଯମଃ ସତ୍ୟବାକ୍ୟଂ
କାଳେ ଶକ୍ତ୍ୟା ପ୍ରଦାନଂ ଯୁବତୀଜନ କଥା ମୂକଭାବଃ ପରେସାମ୍
ତୃଷ୍ଣା ସ୍ରୋତୋ ବିଭଙ୍ଗୋ ଗୁରୁଷୁ ଚ ବିନୟଃ ସର୍ବଭୂତାନୁକମ୍ପା
ସାମାନ୍ୟ ସର୍ବଶାସ୍ତ୍ରେଷ୍ୱନୁପହତବିଧିଃ ଶ୍ରେୟସାମେଷ ପନ୍ଥାଃ ।"

ଜୀବହିଂସାରୁ ଦୂରରେ ରହିବା, ଅନ୍ୟର ଧନ ଅପହରଣ ଲାଗି ମନ ନ ବଳାଇବା, ସତ କହିବା, ଯଥା ସମୟରେ ଶକ୍ତି ଅନୁସାରେ ଦାନ ଦେବା, ପରସ୍ତ୍ରୀ ବିଷୟରେ ଚର୍ଚ୍ଚା ହେଉଥିଲା ବେଳେ ମୌନ ରହିବା, ଲୋଭର ପ୍ରବାହକୁ ପ୍ରତିରୋଧ କରିବା, ଗୁରୁଜନମାନଙ୍କ ପ୍ରତି ନମ୍ରତା ପ୍ରଦର୍ଶନ କରିବା ଓ ସମସ୍ତଜୀବ ପ୍ରତି ଦୟା ପ୍ରଦର୍ଶନ କରିବା ଇତ୍ୟାଦି ପ୍ରତ୍ୟେକ ଶାସ୍ତ୍ରରେ ଉଚିତ ବିଧିସମ୍ପନ୍ନ ଜନସାଧାରଣଙ୍କର କଲ୍ୟାଣକର ମାର୍ଗ ବୋଲି ନିର୍ଦ୍ଦେଶ କରାଯାଇଛି ।

ଭାରତର ସର୍ବଶ୍ରେଷ୍ଠ ଗ୍ରନ୍ଥ ହେଲା ବ୍ୟାସଦେବଙ୍କ ରଚିତ 'ଭାଗବତ' । ଯୁଗେ ଯୁଗେ ଭାଗବତର ନୈତିକ ଉପଦେଶ ମଣିଷ ସମାଜକୁ ପ୍ରେରଣା ପ୍ରଦାନ କରିଆସିଛି । ଅହିଂସା ଆଚରଣ ଓ ଜୀବେ ଦୟା ବିଷୟରେ ଭାଗବତର କେତୋଟି ଉପଦେଶ ଏଠାରେ ସ୍ମରଣ କରାଯାଇପାରେ । ଅହିଂସା ହେଲା ପରମଧର୍ମ । ଯେଉଁମାନେ ସୁପୁରୁଷ, ସାଧୁଜନ ସେମାନେ କେବେହେଲେ ହିଂସା ଅଚରଣ କରନ୍ତି ନାହିଁ । ଭାଗବତ କହିଅଛନ୍ତି-

"ସୁବୁଦ୍ଧି ସାଧୁ ଯେ ପ୍ରଧାନ
ହିଂସା ନ କରେ କଦାଚନ ।"

ଅସଭ୍ୟ, ଅସଂସ୍କୃତ ମଣିଷ ହିଂସା ଆଚରଣ କରିବାକୁ ପ୍ରଲୁବ୍ଧ ହୁଏ । ନାନା ଦୁଷ୍ଟ ପ୍ରବୃତ୍ତିର ତାଡ଼ନାରେ ସେ ଅହରହ ବିଚଳିତ ହେଉଥାଏ । କ୍ରମେ କ୍ରମେ ତାହା ମଧ୍ୟରୁ ମାନବିକତା ଲୋପ ପାଇଯାଏ । ଏହି ଭଳି ଲୋକ ଏବଂ ପଶୁ ମଧ୍ୟରେ ପାର୍ଥକ୍ୟ କ'ଣ ? ପଶୁପରି ଏହି ହିଂସ୍ରକ ଲୋକଙ୍କର ହିତାହିତ ଜ୍ଞାନ ନଥାଏ । କବି ଚିନ୍ତାମଣି ମହାନ୍ତି ଏହିପରି ନରାଧମ ମାନଙ୍କୁ ଅଙ୍ଗୁଳି ନର୍ଦ୍ଦେଶ କରି କହିଅଛନ୍ତି-

"ନରର ନରତ୍ ଦୟା, ଦୟା ମୁକ୍ତି ପ୍ରସୂ
ନିର୍ଦ୍ଦୟ ଯେ ଲୋକ ସେହି ନରରୂପୀ ପଶୁ ।"

ଯେଉଁ ନରାଧମମାନେ ଆତ୍ମସୁଖ ସାଧନ ପାଇଁ ଅହରହ ଜୀବ ହତ୍ୟା କରୁଥାଆନ୍ତି, ସେମାନେ ରୌରବ ନିକଟରେ ଅଥବା କୁମ୍ଭୀପାକ ନିକଟରେ ବହୁକାଳ କଲବଲ ହେବା ବିଧିପ୍ରେରିତ ।

ପ୍ରାଣୀମାନଙ୍କର ହିତ ସାଧନ କରିବା ହେଲା ମନୁଷ୍ୟର ଶ୍ରେଷ୍ଠଧର୍ମ । ଏପରି ଜୀବନ ଏହି ମରଣଶୀଳ ସଂସାରରେ ଧନ୍ୟ ହୋଇଯାଏ । ସେ ବନ୍ଦିତ ହେଉଥାଏ ପରମ ସାଧୁଜନ ଭାବରେ । କବି ପଦ୍ମଚରଣ ପଟ୍ଟନାୟକ ଏକ ସ୍ଥାନରେ ଲେଖିଛନ୍ତି-

"ସେହି ସିନା ଧନ୍ୟ ଦିଏ ଯେ ଜୀବନ
ହସି ହସି ପ୍ରାଣୀହିତେ
ସେ ନୁହେଁ ମାନବ ଦିବ୍ୟଦେବଭାବ
ନିବସଇ ତାର ଚିତ୍ତେ ।"

ଭୌତିକ ଐଶ୍ୱର୍ଯ୍ୟ ଓ ସଭ୍ୟତା ମନୁଷ୍ୟକୁ ଅତ୍ୟନ୍ତ ସ୍ୱାର୍ଥପର କରିଦେଇଛି । ସେ ଆଜି ଭୋଗସର୍ବସ୍ୱ ଅନୁଭବରେ ଆକ୍ରାନ୍ତ । ତାହାର ଅସନ୍ତୋଷର ସୀମା ନାହିଁ । କ୍ଷମତା ଅଧିକାର ଓ ପୁଞ୍ଜିର ଆକାଂକ୍ଷାଙ୍କୁ ଅଭିବୃଦ୍ଧି ପାଇଁ ସେ ଯେକୌଣସି ପ୍ରକାର ପାପ କାର୍ଯ୍ୟ କରିବାକୁ କୁଣ୍ଠା ପ୍ରକାଶ କରୁନାହିଁ । ସେ ଆଜି ଅତ୍ୟନ୍ତ ନିର୍ମମ ଓ ନିଷ୍ଠୁର । ସେଥିପାଇଁ ଚତୁର୍ଦ୍ଦିଗରେ ନରହତ୍ୟା, ରାହାଜାନୀ ଓ ପଶୁପକ୍ଷୀ ସଂହାର । ହିସାବ କରି ଦେଖାଯାଇଛି ଯେ ପୃଥିବୀର ପଶୁପକ୍ଷୀ ଓ କୀଟ ସଂସାରରୁ ଆଜି ଅନେକ ବିଲୁପ୍ତ ପ୍ରାୟ । ଯାହାଠାରୁ ଉପକାର ପାଉଛେ, ତାହାର ଉପକାର କରିବା ବିଧେୟ । ସନ୍ତ୍ରାସବାଦର କାଳକୂଟ ଆଜିକାଲି ପୃଥିବୀର ଅନେକ ଦେଶରେ ଅତ୍ୟନ୍ତ ରୂପ ପରିଗ୍ରହ କରି ଦଣ୍ଡାୟମାନ । ସେମାନଙ୍କ ମାରଣାସ୍ତ୍ର ଦାଢ଼ରେ କେତେ ଯେ ଜନପଦ ଧ୍ୱଂସ ହେବାରେ ଲାଗିଛି, ତାହାର ଇୟତା ନାହିଁ ।

ସତେଯେପରି ସର୍ବଗ୍ରାସ ମହାକାଳର କାଳେସୀ ଜୀବସଂସାର ଧ୍ୱଂସ କରିବାପାଇଁ ତତ୍ପର ହୋଇ ଉଠିଛି । ଈଶ୍ୱରଙ୍କର ଏହି ମହାସୃଷ୍ଟିକୁ ସହାୟକ ହେବା, ତାର ବିକାଶରେ ସହଯୋଗ କରିବା ମଣିଷର ଧର୍ମ ହେବା ଉଚିତ । ସେ ଅନୁଭବ କରୁ ଯେ ସର୍ବମ୍ ବିଷ୍ଣୁମୟ ଜଗତ । ସେ ସର୍ବତ୍ର, ସର୍ବ ଘଟରେ, ପ୍ରତ୍ୟେକ ଅଣୁ ପରମାଣୁରେ ବିଦ୍ୟମାନ । ତେଣୁ ସମସ୍ତଙ୍କୁ ଭଲ ପାଅ । ସମସ୍ତଙ୍କର ଉପକାର କର । ଅହିଂସା ଆଚରଣ କର । କ୍ଷୁଦ୍ରାଦପିକ୍ଷୁଦ୍ର କୀଟକୁ ମଧ୍ୟ କଷ୍ଟ ପହଞ୍ଚାଅ ନାହିଁ ।

ଏହାହିଁ ହେଉଛି ଜୀବେ-ଦୟା ଭାବନାର ମହାନ ବାର୍ତ୍ତା ।

❖ ❖ ❖